Language Code : **14**

इस पुस्तिका में **20** मुद्रित पृष्ठ हैं।
This booklet contains **20** Printed pages.

# JSS-24-II

**प्रश्न-पत्र-II / PAPER-II**
**ओड़िया भाषा परिशिष्ट**
**Odia Language Supplement**
**भाग-IV & V / PART-IV & V**

**मुख्य परीक्षा पुस्तिका संख्या / Main Test Booklet No.**

**मुख्य परीक्षा पुस्तिका कोड / Main Test Booklet Code**

**I**

**इस परीक्षा पुस्तिका को तब तक न खोलें जब तक कहा न जाए।**
**Do not open this Test Booklet until you are asked to do so.**
**इस परीक्षा पुस्तिका के पिछले आवरण (पृष्ठ 19 व 20) पर दिए निर्देशों को ध्यान से पढ़ें।**
**Read carefully the Instructions on the Back Cover (Page 19 & 20) of this Test Booklet.**

**ओड़िया में निर्देशों के लिए इस पुस्तिका का पृष्ठ 2 देखें। / FOR INSTRUCTIONS IN ODIA SEE PAGE 2 OF THIS BOOKLET.**

## परीक्षार्थियों के लिए निर्देश

1. यह पुस्तिका मुख्य परीक्षा पुस्तिका की एक परिशिष्ट है, उन परीक्षार्थियों के लिए जो **या** तो भाग IV (भाषा I) **या** भाग V (भाषा II) **ओड़िया** भाषा में देना चाहते हैं, लेकिन **दोनों नहीं**।
2. परीक्षार्थी भाग I एवं भाग II **या** III के उत्तर मुख्य परीक्षा पुस्तिका से दें और भाग IV व V के उत्तर उनके द्वारा चुनी भाषाओं से।
3. अंग्रेज़ी व हिन्दी भाषा पर प्रश्न मुख्य परीक्षा पुस्तिका में भाग IV व भाग V के अन्तर्गत दिए गए हैं। भाषा परिशिष्टों को आप अलग से माँग सकते हैं।
4. इस पृष्ठ पर विवरण अंकित करने एवं उत्तर पत्र पर निशान लगाने के लिए **केवल काले/नीले बॉल पॉइंट पेन** का प्रयोग करें।
5. इस भाषा पुस्तिका का **संकेत** है **I**। यह सुनिश्चित कर लें कि इस भाषा परिशिष्ट पुस्तिका का संकेत, उत्तर पत्र के **पृष्ठ-2** एवं मुख्य परीक्षा पुस्तिका पर छपे संकेत से मिलता है। अगर यह भिन्न हो, तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ।
6. इस परीक्षा पुस्तिका में **दो** भाग IV और V हैं, जिनमें **60** वस्तुनिष्ठ प्रश्न हैं, जो प्रत्येक 1 अंक का है :
   भाग-IV : भाषा-I (ओड़िया) (प्र. 91 से प्र. 120)
   भाग-V : भाषा-II (ओड़िया) (प्र. 121 से प्र. 150)
7. भाग-IV में भाषा-I के लिए 30 प्रश्न और भाग-V में भाषा-II के लिए 30 प्रश्न दिए गए हैं। इस परीक्षा पुस्तिका में केवल ओड़िया भाषा से संबंधित प्रश्न दिए गए हैं। **यदि भाषा-I और/या भाषा-II में आपके द्वारा चुनी गई भाषा(एँ) ओड़िया के अलावा है तो कृपया उस भाषा वाली परीक्षा पुस्तिका माँग लीजिए। जिन भाषाओं के प्रश्नों के उत्तर आप दे रहे हैं वह आवेदन पत्र में चुनी गई भाषाओं से अवश्य मेल खानी चाहिए।**
8. **परीक्षार्थी भाग-V (भाषा-II) के लिए, भाषा सूची से ऐसी भाषा चुनें जो उनके द्वारा भाषा-I (भाग-IV) में चुनी गई भाषा से भिन्न हो।**
9. रफ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें।
10. सभी उत्तर केवल OMR उत्तर पत्र पर ही अंकित करें। अपने उत्तर ध्यानपूर्वक अंकित करें। उत्तर बदलने हेतु श्वेत रंजक का प्रयोग निषिद्ध है।

## INSTRUCTIONS FOR CANDIDATES

1. This booklet is a supplement to the Main Test Booklet for those candidates who wish to answer **EITHER** Part IV (Language I) **OR** Part V (Language II) in **ODIA** language, but **NOT BOTH**.
2. Candidates are required to answer Part I and Part II **OR** III from the Main Test Booklet and Parts IV and V from the languages chosen by them.
3. Questions on English and Hindi languages for Part IV and Part V have been given in the Main Test Booklet. Language Supplements can be asked for separately.
4. Use **Black/Blue Ball Point Pen only** for writing particulars on this page/ marking responses in the Answer Sheet.
5. The CODE for this Language Booklet is **I**. Make sure that the CODE printed on **Side-2** of the Answer Sheet and on your Main Test Booklet is the same as that on this Language Supplement Test Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet.
6. This Test Booklet has **two** Parts, IV and V, consisting of **60** Objective Type Questions, each carrying 1 mark :
   Part-IV : Language-I (Odia) (Q. 91 to Q. 120)
   Part-V : Language-II (Odia) (Q. 121 to Q. 150)
7. Part-IV contains 30 questions for Language-I and Part-V contains 30 questions for Language-II. In this Test Booklet, only questions pertaining to Odia language have been given. **In case the language/s you have opted for as Language-I and/or Language-II is a Language other than Odia, please ask for a Test Booklet that contains questions on that language. The language being answered must tally with the languages opted for in your Application Form.**
8. **Candidates are required to attempt questions in Part-V (Language-II) in a language other than the one chosen as Language-I (in Part-IV) from the list of languages.**
9. Rough work should be done only in the space provided in the Test Booklet for the same.
10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers.

परीक्षार्थी का नाम (बड़े अक्षरों में) : ____________________
Name of the Candidate (in Capitals) :
अनुक्रमांक : (अंकों में) / Roll Number : in figures ____________________
: शब्दों में / in words ____________________
परीक्षा केन्द्र (बड़े अक्षरों में) : ____________________
Centre of Examination (in Capitals) :
परीक्षार्थी के हस्ताक्षर : ____________________ निरीक्षक के हस्ताक्षर : ____________________
Candidate's Signature : Invigilator's Signature :
Facsimile Signature Stamp of
Centre Superintendent : ____________________

Language Code : **14**

# JSS-24-II

ପରୀକ୍ଷା ପୁସ୍ତିକା କୋଡ୍

**I**

ଏହି ପୁସ୍ତିକାରେ 20 ପୃଷ୍ଠା ଅଛି

**ପ୍ରଶ୍ନପତ୍ର - II**

**ଓଡ଼ିଆ ଭାଷା ପରିଶିଷ୍ଟ**

**ଭାଗ IV & V**

**ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲନ୍ତୁ ନାହିଁ ।**

**ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା 19 & 20) ଦିଆଯାଇଥିବା ନିର୍ଦ୍ଦେଶାବଳୀ ଭଲ ଭାବରେ ପଢ଼ନ୍ତୁ ।**

**ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ :**

1. ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ । ଯେଉଁ ପରୀକ୍ଷାର୍ଥୀଗଣ ଭାଗ IV (ଭାଷା I) **ଅଥବା** ଭାଗ V (ଭାଷା II) ରେ **ଓଡ଼ିଆ** ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ମାତ୍ର **ଦୁଇଟିଯାକ ଭାଗ ପାଇଁ ନୁହେଁ ।**
2. ପରୀକ୍ଷାର୍ଥୀ I, II, III ଭାଗର ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ IV ଓ V ସେମାନଙ୍କ ବାଛିଥିବା ଭାଷାରେ ଦେବେ ।
3. ପ୍ରଶ୍ନପତ୍ର ଭାଗ IV ଓ V (ମୁଖ୍ୟ ପ୍ରଶ୍ନପତ୍ର) ଇଂରାଜୀ ଓ ହିନ୍ଦୀ ଭାଷାରେ ଦିଆଯାଇଛି । ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ ।
4. **କେବଳ କଳା/ନୀଳ ବଲ୍ ପଏଣ୍ଟ ପେନ୍** ଉତ୍ତର ଲେଖିବା/ଚିହ୍ନିତ କରିବାରେ ବ୍ୟବହାର କରିବେ ।
5. ଏହି ପ୍ରଶ୍ନପତ୍ରର **କୋଡ୍** ହେଉଛି **I** । ମୁଖ୍ୟ ପ୍ରଶ୍ନପତ୍ର ଉପରେ ଓ ଉତ୍ତରଖାତାର **ପୃଷ୍ଠା-2** ରେ ସମାନ କୋଡ ରହିବା ଆବଶ୍ୟକ । ଭାଷା ପରିଶିଷ୍ଟର କୋଡ ମଧ୍ୟ ସମାନ ରହିବ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ ।
6. ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ - ଭାଗ IV ଓ ଭାଗ V, ଏହା ସମୁଦାୟ **60** ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 ।

   ଭାଗ - IV : ଭାଷା - I (ଓଡ଼ିଆ) (ପ୍ରଶ୍ନ 91 ରୁ 120)

   ଭାଗ - V : ଭାଷା - II (ଓଡ଼ିଆ) (ପ୍ରଶ୍ନ 121 ରୁ 150)
7. ଭାଗ IV ଭାଷା I ରେ 30ଟି ପ୍ରଶ୍ନ ଓ ଭାଗ V ଭାଷା II ରେ 30ଟି ପ୍ରଶ୍ନ ରହିଛି । ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି । **ଯଦି କେହି ଓଡ଼ିଆ ଭାଷା I ଅଥବା ଭାଷା II ଭିନ୍ନ, ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଚାହୁଁଥିବେ, ସେହି ଭାଷାରେ ପ୍ରସ୍ତୁତ ପଶ୍ନପତ୍ର ମାଗନ୍ତୁ । ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷା ରୂପେ ବିବେଚନା କରାଯିବ ।**
8. **ଭାଗ V (ଭାଷା II) ରେ ଉତ୍ତର ଦେବା ପାଇଁ ଭାଗ IV (ଭାଷା I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ ।**
9. ପ୍ରଶ୍ନପତ୍ରରେ 'ରଫ୍‌କାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ ।
10. ଭଲଭାବରେ ଚିନ୍ତା କରି OMR ଉତ୍ତରଖାତାରେ, ଉତ୍ତର ଚିହ୍ନଟ କରନ୍ତୁ । ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳାକାଳି ବ୍ୟବହୃତ ହେବ ନାହିଁ ।

ପରୀକ୍ଷାର୍ଥୀଙ୍କ ନାମ : ____________________

ରୋଲ ନମ୍ବର : ଅଙ୍କରେ ଲେଖନ୍ତୁ : ____________________

: ଶବ୍ଦରେ ଲେଖନ୍ତୁ : ____________________

ପରୀକ୍ଷା କେନ୍ଦ୍ର : ____________________

ପରୀକ୍ଷାର୍ଥୀଙ୍କ ହସ୍ତାକ୍ଷର : ____________________ ନିରୀକ୍ଷକଙ୍କର ହସ୍ତାକ୍ଷର ____________________

Facsimile signature stamp of
Centre Superintendent : ____________________

ପରୀକ୍ଷାର୍ଥୀ **ଭାଷା-I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-IV** ରେ **(ପ୍ରଶ୍ନ ସଂଖ୍ୟା 91 - 120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-IV (Q.No. 91-120)**, if they have opted **ODIA** as **Language-I** only.

## PART–IV

## LANGUAGE–I

## ODIA

| |
|---|
| ପରୀକ୍ଷାର୍ଥୀ **ଭାଷା-I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-IV** ରେ **(ପ୍ରଶ୍ନ ସଂଖ୍ୟା 91 - 120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ । |

**ନିମ୍ନଲିଖିତ ଅନୁଚ୍ଛେଦ ପାଠକରି 91-99 ପ୍ରଶ୍ନର ଉତ୍ତର ପ୍ରଦାନ କର ।**

ବ୍ୟକ୍ତିର ଜୀବନ ଅଳ୍ପକାଳ ସ୍ଥାୟୀ । ସେଥିପାଇଁ ସେଥିରେ ଏପରି ବ୍ୟକ୍ତିତ୍ୱଭେଦ ସାଧାରଣତଃ ସମ୍ଭବ ହୁଏନାହିଁ । ମାତ୍ର ଜାତୀୟ ଜୀବନରେ ଏକଥା ଲକ୍ଷ୍ୟ କରିବା ବିଶେଷ ଆୟାସସାଧ୍ୟ ନୁହେଁ । ଗୋଟିଏ ଜାତିର ଲୋକମାନେ କୌଣସି ଏକ ଦେଶର ଜଳବାୟୁ, ବେଷ୍ଟନୀ ଓ ପ୍ରଭାବରେ ବହୁଦିନ ବଢ଼ିଲେ, ସେହି ଦେଶର ପ୍ରକୃତି ଅନୁସାରେ ସେ ଜାତିର ଗୋଟିଏ ପ୍ରାକୃତିକ ଜୀବନ ପରମ୍ପରା ଜାତହେବା ସ୍ୱାଭାବିକ । ମାତ୍ର ଘଟଣାକ୍ରମେ ସେହି ଜାତି ଭିନ୍ନ ଜାତି ବା ବ୍ୟକ୍ତିବିଶେଷର ଶକ୍ତି ବା ଧର୍ମରେ ନିଜ ପ୍ରାକୃତିକ ଅନୁଷ୍ଠାନମାନଙ୍କର ପରମ୍ପରା ସବୁ ଭୁଲିଯାଇ, ସର୍ବତୋ ଭାବରେ ନବ ପ୍ରଭାବିତ ହେଲେ, ତାହାର ଜାତୀୟ ଜୀବନ ଭିନ୍ନ ରୂପ ଧାରଣ କରେ । ପୃଥିବୀରେ ବହୁଜାତିର ଜୀବନ ଏହିପରି କାଳେ କାଳେ ବୈଦେଶିକ ଓ ଭିନ୍ନ ଧର୍ମ ଆଦିର ପ୍ରଭାବରେ ଅନ୍ୟରୂପ ହୋଇଅଛି । ସେମାନଙ୍କର ଜାତୀୟ ଜୀବନର ସେ ପରମ୍ପରା ଆଉ ନାହିଁ । କିନ୍ତୁ ଆର୍ଯ୍ୟ ଜୀବନର ପ୍ରାକୃତିକ ବର୍ଦ୍ଧନ ଭାରତର ଏକ ଆଦର୍ଶରେ ଚିରକାଳ ନିୟତ ଓ ବିକାଶପ୍ରାପ୍ତ ହୋଇ ଆସିଅଛି । ଭାରତ ପ୍ରଭୃତିରେ ଯେ ସମାଜ, ସଭ୍ୟତା, ରୁଚି, ଧର୍ମ, ଅନୁଷ୍ଠାନ ଏକ କଥାରେ ଯେ ଜାତୀୟତା କାଳକ୍ରମେ ସ୍ୱାଭାବିକ ବିକାଶରେ ଗଠିତ ହୋଇଅଛି, ତାହାର ମୂଳନୀତି ଓ ଆଦର୍ଶ ଆଦିକାଳରୁ ଆଜିଯାଏ ଅନବିଚ୍ଛିନ୍ନ କର୍ମଧାରା ମଧ୍ୟରେ ସେହିପରି ଅପରିବର୍ତ୍ତିତ ରହିଅଛି । ଭାରତରେ ଯେ ସନାତନ ଆର୍ଯ୍ୟ ଆଦର୍ଶ ଅଛି, ପଣ୍ଡିତମାନେ ଆଉ ଯେଉଁମାନଙ୍କୁ ଆର୍ଯ୍ୟକୁଳର ବୋଲି କହୁଅଛନ୍ତି, ସେମାନଙ୍କ ମଧ୍ୟରେ ତାହା ନାହିଁ । ସେମାନଙ୍କ ଜାତୀୟ ବ୍ୟକ୍ତିତ୍ୱ ବୈଦେଶିକ ପ୍ରଭାବରେ ସମ୍ପୂର୍ଣ୍ଣ ଭିନ୍ନରୂପ ଧାରଣ କରିଅଛି । ଏଥିରେ ଅବଶ୍ୟ କୌଣସି ଦେଶର ବା ଜାତିର ସଭ୍ୟତା ପ୍ରତି ଅନାଦର ବା ଅନାସ୍ଥା ପ୍ରକାଶ କରାଯାଉନାହିଁ । କାହାକୁ ପୁରାତନ ବା ନୂତନ ବୋଲି ଆସ୍ଥା ଆଦରରେ ଇତର ବିଶେଷ କରିବା ମଧ୍ୟ ଯୁକ୍ତିଯୁକ୍ତ ନୁହେଁ । କିନ୍ତୁ ଏତିକି ମାତ୍ର କହିବା ଅଭିପ୍ରାୟ, ମୌଳିକ ଆର୍ଯ୍ୟ ସଭ୍ୟତା କେବଳ ଭାରତରେ ଅନୁସନ୍ଧାନ କରିବା ଉଚିତ । ଅନ୍ୟତ୍ର ତାହା ମିଳିବ ନାହିଁ । ଅନ୍ୟ ଦେଶର ସଭ୍ୟତାର ଆଦର୍ଶ ଓ ଗତି ବାରମ୍ବାର ପରିବର୍ତ୍ତିତ ହୋଇଅଛି । ଭାରତରେ ତାହା ହୋଇନାହିଁ ।

**91.** ଆର୍ଯ୍ୟକୁଳର ଜାତୀୟ ବ୍ୟକ୍ତିତ୍ୱ କାହା ପ୍ରଭାବରେ ପୂରାପୂରି ଭିନ୍ନ ରୂପ ଧାରଣ କରିଛି ?

(1) ବୈଦିକ ଆଦର୍ଶ  (2) ସନାତନ ଆଦର୍ଶ

(3) ବୈଦେଶିକ  (4) ଭିନ୍ନ ଭିନ୍ନ ଧର୍ମ

**92.** 'ପ୍ରାକୃତିକ' ର ବିପରୀତ ଶବ୍ଦ କେଉଁଟି ?

(1) ଆଧୁନିକ  (2) କାୟିକ

(3) କୃତ୍ରିମ  (4) ସାମୟିକ

**93.** କାହାପ୍ରତି ଅନାସ୍ଥା ଭାବ ପ୍ରକାଶ କରାଯାଉନାହିଁ ?

(1) କୌଣସି ଦେଶର ସଂସ୍କୃତି (2) କୌଣସି ଦେଶର ସଭ୍ୟତା

(3) କୌଣସି ଦେଶର ଜାତୀୟତା (4) କୌଣସି ଦେଶର ଧର୍ମଧାରଣା

**94.** ବ୍ୟକ୍ତି ପ୍ରାକୃତିକ ଅନୁଷ୍ଠାନର ପରମ୍ପରା ଭୁଲିଗଲେ ତାହାର କ'ଣ ଭିନ୍ନ ରୂପ ଧରିଥାଏ ?

(1) ଜାତୀୟଜୀବନ (2) ସମଷ୍ଟିଗତ ଜୀବନ

(3) ଅଧ୍ୟାତ୍ମିକ ଅନୁଚିନ୍ତା (4) ମାନବିକତା

**95.** ଗୋଟିଏ ଦେଶର ଜଳବାୟୁରେ ଗୋଟିଏ ଜାତିର ଲୋକ ଅଧିକ ଦିନ ରହିଲେ ସେଠାରେ ସେହି ଜାତିର କ'ଣ ସୃଷ୍ଟି ହୋଇଥାଏ ?

(1) ସାମ୍ପ୍ରଦାୟିକ ଭାବନା (2) ସଦ୍‌ଭାବର ଭାଇଚାରା

(3) ପ୍ରାକୃତିକ ଜୀବନ ପରମ୍ପରା (4) ସମଷ୍ଟିଗତ ମନୋଭାବ

**96.** ଧର୍ମର ପ୍ରଭାବରେ ବିଶ୍ୱରେ ବହୁ ଜାତିର କ'ଣ ବଦଳି ଯାଇଛି ?

(1) ପ୍ରକୃତି (2) ଜୀବନ

(3) ପରମ୍ପରା (4) ସଭ୍ୟତା

**97.** ଭାରତବର୍ଷରେ କ'ଣ ଅନୁସନ୍ଧାନ କରିବା ଉଚିତ ସାବ୍ୟସ୍ତ ହେବ ?

(1) ଜାତୀୟ ଜୀବନର ପରାକାଷ୍ଠା (2) ମାନବିକ ଆଦର୍ଶବୋଧ

(3) ଅହିଂସାର ଜୟଗାନ (4) ମୌଳିକ ଆର୍ଯ୍ୟସଭ୍ୟତା

**98.** ଅନ୍ୟଦେଶରେ କ'ଣ ବାରମ୍ବାର ପରିବର୍ତ୍ତିତ ହେବାରେ ଲାଗିଛି ?

(1) ସଭ୍ୟତାର ଗତି (2) ସଂସ୍କୃତି

(3) ବିଜ୍ଞାନ (4) ବିଚାରବୋଧ

**99.** 'ଆୟାସସାଧ୍ୟ' - ଅର୍ଥ କ'ଣ ?

(1) ଉଦ୍ଦେଶ୍ୟମୂଳକ (2) କଷ୍ଟସାଧ୍ୟ

(3) କଷ୍ଟଲବ୍ଧ (4) କ୍ଲିଷ୍ଟକର

**କବିତାଂଶଟି ପାଠକରି ପ୍ରଶ୍ନସଂଖ୍ୟା 100-105 ର ଉତ୍ତର ପ୍ରଦାନ କର ।**

ଅତୀତର ଇତିହାସ କେ ଜାଣେ ତୋ ପରି,
ସୁଖଦୁଃଖମୟ ଯେତେ ଘଟନାନିଚୟ
ଘଟିଛି ଜଗତେ, ସବୁ ବିଦିତ ତୋହରି,
ତୋ ଅଗ୍ରତେ ରାଜ୍ୟନାଶ, ରାଜ୍ୟ-ଅଭ୍ୟୁଦୟ ।
ବଳିଷ୍ଠର ଅତ୍ୟାଚାର, ଦୁର୍ବଳ-ଦୁର୍ଗତି,
ସ୍ୱାର୍ଥ-ଦ୍ୱେଷ-ଲୋଭାଦିର କ୍ରୁର ପ୍ରବଞ୍ଚନା,
ଦେଖିଛୁ ସକଳ, ବ୍ୟୋମ ଗମ୍ଭୀର ମୂରତି,
ତୋପରି ବୁଝିବ କିଏ ପୃଥିବୀ ବେଦନା ।
ଆଦିସୃଷ୍ଟିକାଳୁଁ ଅବଗାହି ଜ୍ୟୋତି-ଜଳେ
କି ସୁନ୍ଦର କି ଉଦାର ଦେହଶ୍ରୀ ତୋହର !
କହ ବ୍ୟୋମ, କିଏ ଅଛି ଏ ବିଶ୍ୱମଣ୍ଡଳେ,
ତୋ ରୂପେ ନୁହଇ ମୁଗ୍ଧ ଯାହାର ଅନ୍ତର ।
ସକଳ ସୌନ୍ଦର୍ଯ୍ୟଲୀଳା ତୋହରି ଉତ୍ସଙ୍ଗେ,
ନିତ୍ୟ ଲୀଳାଭୂମି ତୁହି କବିତା-ଦେବୀର,
ନାଚର ଅରଣ୍ୟ ବିଶ୍ୱ ନିତ୍ୟ ଲୀଳାରଙ୍ଗେ
ତୋ ମହାସୁନୀଳ ବକ୍ଷେ ଶାସନେ ବିଧିର ।

**100.** 'ଅଭ୍ୟୁଦୟ' - ରେ କେଉଁ ଉପସର୍ଗ ରହିଛି ?

(1) ଅପି (2) ଅବ

(3) ଅଭି (4) ଅଧି

**101.** 'ରାଜ୍ୟ ଅଭ୍ୟୁଦୟ' - ଏଠାରେ କାହାକୁ ବୁଝାଉଛି ?

(1) ରାଜ୍ୟର ସୃଷ୍ଟି (2) ରାଜ୍ୟର ବିନାଶ

(3) ରାଜ୍ୟର ବିକାଶ (4) ରାଜ୍ୟର ଅଭିଷେକ

**102.** ପୃଥିବୀର ବେଦନାକୁ କିଏ ଭଲଭାବେ ବୁଝିଛି ?

(1) ନଦୀ (2) ବ୍ୟୋମ

(3) ମରୁତ (4) ସାଗର

**103.** କବି ଦୃଷ୍ଟିରେ ଆକାଶର ସ୍ୱରୂପ କିପରି ?

(1) ପ୍ରଶାନ୍ତ (2) ଗମ୍ଭୀର

(3) ତାପସସୁଲଭ (4) ନୈସର୍ଗିକ

**104.** ନିତ୍ୟଲୀଳାଭୂମି ବୋଲି କାହାକୁ କୁହାଯାଇଛି ?

(1) କବିତା (2) ବନିତା

(3) ଲତା (4) ଉପମାତା

**105.** 'ଅବଗାହି' - ଶବ୍ଦର ଅର୍ଥ କ'ଣ ?

(1) କଥାକହି (2) ଧୈର୍ଯ୍ୟଧରି

(3) ସମ୍ପୃକ୍ତ ହୋଇ (4) ସ୍ନାନକରି

**106.** ଶିକ୍ଷକ, ଶିକ୍ଷାର୍ଥୀ ଓ ସାମଗ୍ରୀ ବିଷୟକ ପ୍ରଭାବ ଓ ପରୀକ୍ଷାକୁ କୁହାଯାଏ __________ ।

(1) କର୍‌ପସ ଇଫେକ୍ଟ (2) ୱାସବ୍ୟାକ୍ ଇଫେକ୍ଟ

(3) କ୍ଲାସରୁମ୍ ଇଫେକ୍ଟ (4) ଦୃଢ଼ୀକରଣ

**107.** ସ୍କୁଲମାନେ ମିଶ୍ର ଦ୍ୱିଭାଷିକତାକୁ ଅନୁସରଣ କରିବା ଉଚିତ କାରଣ ଏହା -

(1) ପିଲାର ଭାଷା ଓ ସଂସ୍କୃତିକୁ ଆକଳନ କରିଥାଏ

(2) ଇଂରାଜୀକୁ ଦ୍ୱିତୀୟ ଭାଷା ଭାବେ ପଢ଼ାଇବାକୁ ଗୁରୁତ୍ୱ ଦେଇଥାଏ

(3) ପିଲାର ଭାଷାକୁ ବିକଶିତ କରିଥାଏ କିନ୍ତୁ ସଂସ୍କୃତିକୁ ନୁହେଁ

(4) ପ୍ରଥମ ଭାଷାର ବିକାଶରେ ବାଧା ଦେଇଥାଏ

**108.** ସ୍ୱରାଘାତ, ସ୍ୱର, ଆଘାତ ଓ ରିଦିମ ଭଳି ଭାଷାତାତ୍ତ୍ୱିକ ପ୍ରକାର୍ଯ୍ୟ __________ ଭାବରେ ପରିଚିତ ।

(1) କବିତା (2) ଛନ୍ଦ

(3) ଧ୍ୱନିତାତ୍ତ୍ୱିକ (4) ପ୍ରାୟୋଗିକ

**109.** ଭାରତରେ ଭାଷା ବିଷୟରେ କେଉଁ ମନ୍ତବ୍ୟଟି ସତ୍ୟ ଆଧାରିତ ନୁହେଁ ?

(1) ଭାରତର ସମ୍ବିଧାନ ଅନୁସାରେ, ଇଂରାଜୀ ହେଉଛି ଏକ ଅତିରିକ୍ତ ରାଜଭାଷା

(2) ଭାରତ ସମ୍ବିଧାନର ଅଷ୍ଟମ ଧାରା ଅନୁଯାୟୀ, 22 ଟି ଭାଷା ରହିଛି

(3) ସଂସ୍କୃତ ହେଉଛି ଆଧୁନିକ ଭାରତୀୟ ଭାଷା

(4) ଭାରତୀୟ ଉପମହାଦେଶରେ ହିନ୍ଦୀ ହେଉଛି ସର୍ବବୋଧ୍ୟ ଭାଷା

**110.** ଗୋଟିଏ ଭାଷା କ୍ଲାସରେ ଜଣେ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ବିଦ୍ୟାର୍ଥୀମାନେ ରହି ଦଳଗଠନ କରିଛନ୍ତି ଏବଂ ଦିଆଯାଇଥିବା ପ୍ରସଙ୍ଗ ଉପରେ ଏକ ବିଜ୍ଞାପନ ଉପସ୍ଥାପନ କରିଛନ୍ତି । ଏଭଳି ଭାବେ ଶିକ୍ଷଣକୁ କୁହାଯାଏ __________ ।

(1) ସମ୍ମିଳିତ ଶିକ୍ଷଣ (2) ପ୍ରତିଯୋଗିତା ଓ ବିବାଦାତ୍ମକ

(3) ଭାଷା ଖେଳ (4) ତତ୍ତ୍ୱାବଧାନ ଓ ପରାମର୍ଶ

**111.** ଜଣେ ଶିକ୍ଷକ ରେଷ୍ଟୁରାଣ୍ଟରେ ବ୍ୟବହୃତ ଶବ୍ଦ ସହିତ ଶିକ୍ଷାର୍ଥୀମାନଙ୍କୁ ପରିଚିତ କରାଇବାକୁ ଗୋଟିଏ କାର୍ଯ୍ୟ ଦିଅନ୍ତି । ଏଥିମଧ୍ୟରୁ କେଉଁଟି ଏହି ପାଠ୍ୟର ଉଦ୍ଦେଶ୍ୟ ହୋଇପାରେ ?

(1) ଶିକ୍ଷାର୍ଥୀଙ୍କୁ ଶାବ୍ଦିକ ଉପାଦାନ ସହ ପରିଚିତ କରାଇବା

(2) ବ୍ୟାକରଣ ଉପାଦାନ ସହ ପରିଚିତ କରାଇବା

(3) ଛୁଟି କଟାଇବା ସ୍ଥାନ ବିଷୟରେ ପାଠଦ୍ୱାରା ଅବଗତ କରାଇବା

(4) ଅନୁଶୀଳନାତ୍ମକ ଭାବନାର ବିକାଶ କରିବା

**112.** କେଉଁ ଶିକ୍ଷଣ ସ୍କୁଲ ବିଶ୍ୱାସ କରୁଥିଲା ଯେ ଭାଷା ମୌଖିକ କିମ୍ବା ଲିଖିତ ହେଉପଛେ, ଅଭ୍ୟାସ ସୃଷ୍ଟିର ଧାରା ମାଧ୍ୟମରେ ଜନ୍ମ ନେଇଥାଏ ?

(1) ପ୍ରକାର୍ଯ୍ୟାତ୍ମକ (2) ବ୍ୟାବହାରାତ୍ମକ

(3) ବୋଧଶକ୍ତି ଆଧାରିତ (4) ବାର୍ତ୍ତାଳାପ ଆଧାରିତ

**113.** ଗଳ୍ପର ସମୟ ଓ ସ୍ଥାନକୁ __________ କୁହାଯାଏ ।

(1) ବିଷୟ (2) ଦୃଶ୍ୟ

(3) କଥାବସ୍ତୁ (4) ଶୀର୍ଷ

**114.** ଗୋଟିଏ ଭାଷା କ୍ଲାସରେ ଜଣେ ଶିକ୍ଷକ ଦଳେ ଶିକ୍ଷାର୍ଥୀଙ୍କୁ ବିଭିନ୍ନ ରୋଲ କରିବାକୁ କହିଛନ୍ତି ଯଥା - କ୍ରେତା, ଜମିବିକ୍ରେତା, ଭୂମି ଅଧିକାରୀ ଓ ପ୍ରଜା । ସେତେବେଳେ ଅନ୍ୟମାନଙ୍କୁ ସେମାନଙ୍କୁ ଲକ୍ଷ୍ୟ କରିବାକୁ ଓ ବାର୍ତ୍ତାଳାପ ଉପଭୋଗ କରିବାକୁ କହିଛନ୍ତି । ଏ ପ୍ରକାର କାର୍ଯ୍ୟ ହେଉଛି __________ ।

(1) ରୋଲପ୍ଲେ (2) ଡ୍ରାମା

(3) ଅଭିନୟ ଶିକ୍ଷା (4) ନିର୍ଦ୍ଦେଶନା

**115.** ଜଣେ ଭାଷା ଶିକ୍ଷୟିତ୍ରୀ ପଞ୍ଚମ ଶ୍ରେଣୀରେ ପଢ଼ାଇଲା ବେଳେ ପ୍ରତିଦିନ କ୍ଲାସକୁ ଖବରକାଗଜ, ମେନୁ କାର୍ଡ୍, ଟ୍ରେନ୍ ଟିକେଟ ଇତ୍ୟାଦି ଆଣନ୍ତି । ଶିକ୍ଷଣକୁ ଫଳପ୍ରଦ କରିବା ପାଇଁ ସେ କ'ଣ କରନ୍ତି ?

(1) ନିଜ ଶିକ୍ଷଣକୁ ଅଧିକ ବାସ୍ତବ ଓ ଉପଯୋଗୀ କରିବାକୁ ସେ ପ୍ରାମାଣିକ ସମଗ୍ରୀର ବ୍ୟବହାର କରନ୍ତି

(2) ଅଧିକ ଭାଷା ଶିଖିବାକୁ ସେ ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରନ୍ତି

(3) ବାସ୍ତବ ଘଟଣା ମାଧ୍ୟମରେ ସେ ଶିକ୍ଷାର୍ଥୀଙ୍କୁ ଇଂରାଜୀ ଶିଖାଇବାକୁ ଚାହାନ୍ତି

(4) ସେ ଶିକ୍ଷାର୍ଥୀଙ୍କ ଭିତରେ ସଚେତନତା ସୃଷ୍ଟି କରନ୍ତି

**116.** ଗୋଟିଏ ଲେସନ୍ ଶ୍ରବଣ କ୍ଲାସର ପ୍ଲାନିଙ୍ଗ୍ କରିବାରେ କେଉଁ କାର୍ଯ୍ୟଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ନୁହେଁ ?

(1) ରେକର୍ଡିଙ୍ଗ ବିରତି (2) ଶୀଘ୍ର କଥନ

(3) ବକ୍ତାମାନଙ୍କ ଲିଙ୍ଗର ଆଧାର (4) ବକ୍ତାମାନଙ୍କ ସଂଖ୍ୟା

**117.** ଭାରତରେ ବହୁଭାଷିକତାବାଦ ବୁଝିବାକୁ ଅନୁପ୍ରେରିତ କରିଥାଏ

(1) ବାର୍ତ୍ତାଳପ ଚାଲେ ଏବଂ ସାମାଜିକ ସଂହତି ବିରାଜମାନ ଥାଏ

(2) ପ୍ରଭାବଶାଳୀ ଭାଷା ସହିତ ଦୁର୍ବଳ ଭାଷା ସଂଯୁକ୍ତ ହୋଇଥାଏ

(3) 'ଏକଭାଷୀ' ପଦ୍ଧତି ଗୋଟିଏ ଭିନ୍ନ ସମାଜରେ ରୂପ ନେଇଥାଏ

(4) ଭାଷା, ପରିଚୟ ଓ ସଂସ୍କୃତି ପ୍ରତ୍ୟେକ ଅଲଗା ଅଲଗା ପରିଚିତି ପ୍ରଦାନ କରିଥାଏ

**118.** ଭାଷାର କେଉଁ କୌଶଳ ହେଉଛି ଗ୍ରହଣଶୀଳ କୌଶଳ ?

(1) ଶ୍ରବଣ ଓ କଥନ (2) କଥନ ଓ ଲିଖନ

(3) ପଠନ ଓ ଲିଖନ (4) ଶ୍ରବଣ ଓ ପଠନ

**119.** ଶ୍ରବଣ __________ ସହିତ ସମ୍ପୃକ୍ତ ।

(1) ଧ୍ୱନି ଶୁଣିବା, ଅବିକଳ ଭାବରେ ତାକୁ ଡିକୋଡିଙ୍ଗ କରିବା

(2) ପ୍ରସଙ୍ଗ ଅନୁମାନ କରିବା

(3) ବିଷୟର ପୂର୍ବଜ୍ଞାନ ବ୍ୟବହାର କରିବା

(4) ଧ୍ୱନି ଚିହ୍ନଟ କରି ସେଥିରୁ ଅର୍ଥ ବାହାର କରିବା

**120.** **A** ସ୍ତମ୍ଭରେ ଦିଆଯାଇଥିବା ଭାଷା ଶିକ୍ଷା ପଦ୍ଧତିକୁ **B** ସ୍ତମ୍ଭରେ ପ୍ରଦତ୍ତ ବୋଧନ ବା ତତ୍ସମ୍ପର୍କୀୟ କାର୍ଯ୍ୟସହିତ ଖାପଖୁଆଅ ।

| **A** | | **B** | |
|---|---|---|---|
| (a) | କଥୋପକଥନଧର୍ମୀ ଭାଷା ଶିକ୍ଷା | (i) | ସାମାଜିକ ଭାବେ ଗ୍ରହଣୀୟ ଓ ପ୍ରସଙ୍ଗତଃ ଉଚିତ ଭାଷା |
| (b) | ପ୍ରତ୍ୟକ୍ଷ ପଦ୍ଧତି | (ii) | ନୀରବ ପଠନ |
| (c) | ବ୍ୟାକରଣ ଅନୁବାଦ | (iii) | ସାହିତ୍ୟ ପାଠ୍ୟ ଲିଖନ |
| (d) | ୱେଷ୍ଟଙ୍କ ନିଉମେଥଡ୍ | (iv) | ଆଗମନାତ୍ମକ ଶୈଳୀରେ ବ୍ୟାକରଣ ଶିକ୍ଷା |

(1) (a)-(i), (b)-(iv), (c)-(iii), (d)-(ii)

(2) (a)-(iv), (b)-(ii), (c)-(iii), (d)-(i)

(3) (a)-(iii), (b)-(i), (c)-(ii), (d)-(iv)

(4) (a)-(ii), (b)-(i), (c)-(iv), (d)-(iii)

ପରୀକ୍ଷାର୍ଥୀ **ଭାଷା-II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-V** ରେ **(ପ୍ରଶ୍ନ ସଂଖ୍ୟା 121 - 150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-V (Q.No. 121-150)**, if they have opted **ODIA** as **Language-II** only.

## PART-V

## LANGUAGE-II

## ODIA

| |
|---|
| ପରୀକ୍ଷାର୍ଥୀ **ଭାଷା-II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-V** ରେ **(ପ୍ରଶ୍ନ ସଂଖ୍ୟା 121 - 150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ । |

**ନିମ୍ନ ଅନୁଚ୍ଛେଦ ପାଠକରି ପ୍ରଶ୍ନସଂଖ୍ୟା 121-128 ର ଉତ୍ତର ପ୍ରଦାନ କର ।**

ପ୍ରତିହିଂସା ଓ ଶାସ୍ତି ଅପେକ୍ଷା କ୍ଷମା କରୁଣାରେ ଯେ ମନୁଷ୍ୟର ଦେବତ୍ୱ ବିକଶିତ ହୁଏ, ଏହା କେହି ଅସ୍ୱୀକାର କରିବେ ନାହିଁ । ଏକେତ ଭ୍ରମପ୍ରମାଦ ସମସ୍ତଙ୍କ ଜୀବନରେ ଘଟେ; ତେଣୁ ଅନେକ କ୍ଷେତ୍ରରେ କ୍ଷମାଚରଣ କରିବା ଓ ଦଣ୍ଡଦେଲେ ମଧ୍ୟ ଅପରାଧୀ ପ୍ରତି ମାନବିକ ବ୍ୟବହାର କରିବା ଉଚିତ । ତା'ପରେ ଆହୁରି ବିଚାର କରିବାର କଥା ଏହି ଯେ, ଅନ୍ୟାୟ ଓ ଅପରାଧ ଅନେକ କ୍ଷେତ୍ରରେ ଅପରାଧୀ ଚିତ୍ତବୃତ୍ତି ଅପେକ୍ଷା ପାରିପାର୍ଶ୍ୱିକ ଘଟଣା ଉପରେ ଅଧିକ ନିର୍ଭର କରେ । ଦେଖାଯାଇଛି ଯେ, ଅନେକ ସାଧୁଲୋକ ମଧ୍ୟ ଅବସ୍ଥାଚକ୍ରରେ ଏପରି ଅନ୍ୟାୟ କରିଅଛନ୍ତି, ଯାହା ଭିନ୍ନ ଅବସ୍ଥାରେ ଥିଲେ ସେ କେବେହେଲେ କରିନଥାନ୍ତେ । ଦୁର୍ଭିକ୍ଷବେଳେ କ୍ଷୁଧାଯନ୍ତ୍ରଣା ସହ୍ୟ କରି ନ ପାରି ମାଆ ପ୍ରାଣର ଶିଶୁକୁ ସାମାନ୍ୟ ଖାଦ୍ୟଲାଗି ବିକ୍ରୟ କରିଦେବାର ଓ ଆହାର ବେଳେ ନିଜ ସନ୍ତାନମାନଙ୍କ ସଙ୍ଗେ କଳହ କରିବାର ଦେଖାଯାଇଛି । ଜୀବନର ଏ ପ୍ରକାର ସାଙ୍ଘାତିକ ଅବସ୍ଥାରେ ପଡ଼ିଲେ, ପ୍ରତ୍ୟେକ ମନୁଷ୍ୟ ଯେ ଏପରି ଜଘନ୍ୟ ଆଚରଣ କରିବେ, ଏଥିରେ ସନ୍ଦେହ ନାହିଁ । ଜୀବନରେ ଏପରି ଆହୁରି ନାନା ପ୍ରକାର ଘଟଣାଚକ୍ର ଅଛି, ଯେଉଁଥିରେ ଅନ୍ୟାୟ ଅପରାଧ କରିବା ବିଶେଷ ବିଚିତ୍ର କଥା ନୁହେଁ । ଏକେତ ମନୁଷ୍ୟ ଭ୍ରମପ୍ରବଣ, ତା'ପରେ ଭ୍ରମପ୍ରମାଦ ପାଇଁ ଜଗତରେ ପ୍ରଲୋଭନ ଓ ଉପାଦାନର ଅଭାବ ନାହିଁ । ଏସବୁ ଦୃଷ୍ଟିରେ ମନୁଷ୍ୟ ପ୍ରତି କଠୋର ବ୍ୟବହାର ନକରି ଅନୁକମ୍ପା ଓ କ୍ଷମା କରିବା ଯେ ସର୍ବଥା ବିଧେୟ, ତାହା କେହି ଅସ୍ୱୀକାର କରିବେ ନାହିଁ ।

ତା'ପରେ କ୍ଷମା ଓ କରୁଣା କୋମଳ ବ୍ୟବହାର ଦ୍ୱାରା ଅପରାଧୀ ହୃଦୟରେ ଅନେକ ସମୟରେ ଦେବତ୍ୱର ବିକାଶ ହୁଏ । ଶାସ୍ତି ଓ ଦଣ୍ଡଦ୍ୱାରା ସେପରି ହେବାର କେବେ ଦେଖାଯାଇ ନାହିଁ । ଶାସ୍ତି ଦେବାର ଏକମାତ୍ର ଉଦ୍ଦେଶ୍ୟ ଏହି ଯେ, ତଦ୍ଦ୍ୱାରା ଅପରାଧୀର ଚରିତ୍ର ସଂଶୋଧିତ ହେବ ।

**121.** କିପରି ଅପରାଧୀର ହୃଦୟରେ ଦେବତ୍ୱର ବିକାଶ ଘଟିଥାଏ ?

(1) ମାନବିକତା ଦ୍ୱାରା
(2) କୋମଳ ବ୍ୟବହାର ଦ୍ୱାରା
(3) ନିଃସ୍ୱାର୍ଥ ପ୍ରେମଦ୍ୱାରା
(4) ସାହାଯ୍ୟକାରୀ ମନୋବୃତ୍ତି ଦ୍ୱାରା

**122.** 'କ୍ଷୁଧା ଯନ୍ତ୍ରଣା' - ର କେଉଁ ବ୍ୟାସବାକ୍ୟଟି ଠିକ୍ ?

(1) କ୍ଷୁଧା ନିମିତ୍ତ ଯନ୍ତ୍ରଣା
(2) ଯେ କ୍ଷୁଧା ସେ ଯନ୍ତ୍ରଣା
(3) କ୍ଷୁଧା ଓ ଯନ୍ତ୍ରଣା
(4) କ୍ଷୁଧା ଯନ୍ତ୍ରଣା ପରି

**123.** ମନୁଷ୍ୟ ପ୍ରତି କଠୋର ନହୋଇ __________ ପ୍ରଦର୍ଶନ କରିବା ଉଚିତ ।

(1) ଅନୁକମ୍ପା
(2) ଅହିଂସା ଭାବ
(3) ଭଦ୍ର ବ୍ୟବହାର
(4) ଶୀତଳ ମନୋଭାବ

**124.** 'ପାରିପାର୍ଶ୍ୱିକ' - ରେ କେଉଁ ବିଚ୍ଛେଦଟି ଠିକ୍ ?

(1) ପାରିପାଶ୍ୱ + ଇକ
(2) ପରିପାର୍ଶ୍ୱ + ଇକ
(3) ପରି + ପାଶ୍ୱିକ
(4) ପରିପାର୍ଶ୍ୱ + କ

**125.** ମଣିଷ କାହିଁକି ଜଘନ୍ୟ ଆଚରଣ କରିବାକୁ ବାଧ୍ୟହୁଏ ?

(1) ଅସୂୟାବଶତଃ
(2) ପ୍ରତିଶୋଧ ନେବା ପାଇଁ
(3) ଚକ୍ରାନ୍ତର ଶିକାର ହେଲେ
(4) ସାଂଘାତିକ ଅବସ୍ଥାରେ ପଡ଼ିଲେ

**126.** ବେଳେବେଳେ ସାଧୁ ମଣିଷଟିଏ କାହିଁକି ଅନ୍ୟାୟର ଆଶ୍ରୟ ନିଏ ?

(1) ଆତ୍ମାକୁ ବାଧେ ବୋଲି
(2) ଅନ୍ୟ ଉପାୟ ନପାଇ
(3) ଅବସ୍ଥାଚକ୍ରରେ ପଡ଼ି
(4) କର୍ମକୁ ନିନ୍ଦା କରି

**127.** ଅପରାଧୀ ପ୍ରତି କେଉଁ ପ୍ରକାର ମନୋଭାବ ପ୍ରଦର୍ଶନ କରିବା ବିଧେୟ ?

(1) ଅହିଂସକ ବ୍ୟବହାର
(2) ସକରାତ୍ମକ ବ୍ୟବହାର
(3) ନକରାତ୍ମକ ବ୍ୟବହାର
(4) ମାନବିକ ବ୍ୟବହାର

**128.** ମନୁଷ୍ୟର ଦେବତ୍ୱ କେଉଁଥିରେ ଦୀପ୍ତିମାନ ହୋଇ ଉଠିଥାଏ ?

(1) ତ୍ୟାଗ ତିତିକ୍ଷାରେ
(2) କ୍ଷମା କରୁଣାରେ
(3) ସତ୍ୟ ଶାନ୍ତିରେ
(4) ପ୍ରେମ ପ୍ରଣୟରେ

**ନିମ୍ନ ଅନୁଚ୍ଛେଦ ପାଠକରି ପ୍ରଶ୍ନସଂଖ୍ୟା 129-135 ର ଉତ୍ତର ପ୍ରଦାନ କର ।**

ଅଭାବ କେଉଁଠାରେ ନାହିଁ, କାହାର ନାହିଁ ? ଧନ, ମାନ, ଆସନ ଯାହା ଦୃଷ୍ଟିରେ ପଡ଼େ ସବୁ ଅଭାବରେ ପୂର୍ଣ୍ଣ; ଅଶାନ୍ତିରେ ଜ୍ୱାଳାମୟ । ତେବେ ନିଜର ଅଭାବରେ ଅପରିତୋଷ କାହିଁକି ? ଯଦି ଜଣେ ଅସନ୍ତୁଷ୍ଟ ବ୍ୟକ୍ତିକୁ ଅନ୍ୟ ଜଣକ ସଙ୍ଗେ ଅବସ୍ଥାର ବିନିମୟ କରିବାକୁ କୁହାଯାଏ, ସେ କ'ଣ ସାରା ସୃଷ୍ଟିରେ କାହା ସଙ୍ଗେ ତାହା କରିପାରିବ ? କିଏ ସମ୍ପୂର୍ଣ୍ଣ ରୂପେ ଅନ୍ୟ ଜଣକର ଅବସ୍ଥା ଗ୍ରହଣ କରି ନିଜର ଛାଡ଼ିବାକୁ ପ୍ରସ୍ତୁତ ହେବ ? ତା'ର ଇଚ୍ଛା - ଜଣକର ଧନ, ଜଣକର ମାନ, ଆଉ ଜଣକର ଆସନ, ଆଉ ଜଣକର କୁଟୁମ୍ବ ପରିଜନ ତାକୁ ମିଳନ୍ତା । ତା' କିପରି ହେବ ? ଅପୂର୍ଣ୍ଣ ମାନବ ପୂର୍ଣ୍ଣ ସୁଖ ସମ୍ପଦର ଅଧିକାରୀ ହେବ କାହୁଁ ? କେତେଦିନ ପାଇଁ ଏ ଧନସମ୍ପଦ, କେତେଦିନ ପାଇଁ ଏ ଶରୀର, କେତେଦିନ ପାଇଁ ଏ ସଂସାର ? ଏ କ୍ଷଣଭଙ୍ଗୁର ଶରୀର ଧରି ଅନ୍ଧମାନବ ନିଜ ଭାଗ୍ୟର ବଢ଼ାଇ କରେ - ଅହଂକାରରେ ଏ ଧରା ଭାଙ୍ଗି ଚୂର୍ଣ୍ଣ କରିବାକୁ ବସେ । ତାହାର ସେପରି ଶକ୍ତି ଥିଲେ କି ଏ ସୃଷ୍ଟି ରହନ୍ତା ?'' ''ଜାଣି ଘୋଡ଼ାର ଶିଙ୍ଗ ନାହିଁ'' - ତା' ସୃଷ୍ଟିର ମଙ୍ଗଳ ପାଇଁ ।

ଅଭାବ, ଅନଟନ, ଦୁଃଖ, ଦୁର୍ବିପାକ, ରୋଗ, ଶୋକ, ମୃତ୍ୟୁ - ଏସବୁ ଧରାର ସମ୍ପଦ । ଏଥିଯୋଗୁଁ ଧରା ସୁଗଠିତ ଓ ଶ୍ରୀସମ୍ପନ୍ନ । ଯାହାର ଅଭାବ ନାହିଁ, ସେ ଏ ସଂସାରରେ ପ୍ରକୃତ ଦରିଦ୍ର, କାରଣ ତାକୁ ଜାଗ୍ରତ କରିବା ପାଇଁ ଅଙ୍କୁଶ ନାହିଁ ।

**129.** କିଏ ନିଜ ଭାଗ୍ୟର ବଡ଼ାଇ କରିଥାଏ ?

(1) ଅବିବେକୀ ମଣିଷ (2) ଅନ୍ଧ ମଣିଷ

(3) ପାଷଣ୍ଡ ମଣିଷ (4) ଅସହିଷ୍ଣୁ ମଣିଷ

**130.** କିଏ ପୂର୍ଣ୍ଣ ସୁଖସମ୍ପଦର ଅଧିକାରୀ ହୋଇପାରେନା ?

(1) ଅଶାନ୍ତ ମଣିଷ (2) ଅପୂର୍ଣ୍ଣ ମାନବ

(3) ପରିପୂର୍ଣ୍ଣ ମାନବ (4) ଅନ୍ଧମାନବ

**131.** ଅଭାବ, ଅନଟନ ଆଦିକୁ ପୃଥିବୀର କ'ଣ ବୋଲି କୁହାଯାଇଛି ?

(1) ବିପଦ (2) ସମ୍ପଦ

(3) ବିଭବ (4) ଐଶ୍ୱର୍ଯ୍ୟ

**132.** କାହାକୁ ଜଗାଇବା ପାଇଁ ଏ ଧରାରେ ଅଙ୍କୁଶ ନାହିଁ ?

(1) ଅଭାବୀ ମଣିଷକୁ (2) ଲୋଭାସକ୍ତ ମଣିଷକୁ

(3) ସ୍ୱାର୍ଥପର ମଣିଷକୁ (4) ହିଂସ୍ର ମଣିଷକୁ

**133.** ଧନ ମାନ ଆଦି କେଉଁଥିରେ ପୂର୍ଣ୍ଣ ?

(1) ଦୁର୍ନୀତିରେ (2) ପ୍ରିୟାପ୍ରୀତିରେ

(3) ଅଭାବରେ (4) ପରଶ୍ରୀକାତରତାରେ

**134.** 'ଅସନ୍ତୁଷ୍ଟ' - ର ବିପରୀତ ଶବ୍ଦ କେଉଁଟି ?

(1) ଅତିଷ୍ଠ (2) ପ୍ରତିଷ୍ଠ

(3) ସନ୍ତୁଷ୍ଟ (4) ବିଶିଷ୍ଟ

**135.** ରୋଗ, ଶୋକ, ମୃତ୍ୟୁ ଅଦି ପାଇଁ ଧରାଧାମ '__________' ।

(1) କଣ୍ଟକିତ (2) ରକ୍ତାକ୍ତ

(3) କ୍ଷତାକ୍ତ (4) ସୁଗଠିତ

**136.** ବହୁସଂଖ୍ୟକ ସମକାଳୀନ ଓ ଅସମକାଳୀନ ଅନଲାଇନ୍ ଶିକ୍ଷଣ ମାଧ୍ୟମ ପାଇଁ କେଉଁ ସାମଗ୍ରୀ ଦରକାର ହୋଇଥାଏ ?

(1) ପାଠ୍ୟପୁସ୍ତକ (2) ରେଲ୍‌ଟିକେଟ୍

(3) ଟେଲିଭିଜନ୍ (4) ପ୍ୟାଡ୍‌ଲେଟ୍

**137.** ଫର୍ମେଟିଭ୍ ଆସାଇନ୍‌ମେଣ୍ଟ୍ ପାଇଁ କେଉଁ କୌଶଳଟି ଉପଯୁକ୍ତ ନୁହେଁ ?

(1) ଆସାଇନମେଣ୍ଟ (2) ପେପର ପେନ୍‌ସିଲ୍ ଟେଷ୍ଟ

(3) ପ୍ରୋଜେକ୍ଟ (4) କ୍ଲାସ ପ୍ରେଜେଣ୍ଟେସନ୍

**138.** ଦୈନନ୍ଦିନ ଜୀବନରେ ବ୍ୟବହୃତ ସାମଗ୍ରୀ ଆଧାରରେ ଭାଷା ପଢ଼ାଇବା ହେଉଛି -

(1) ରେଲିଆ (2) ଭାଷାଖେଳ

(3) ଶିକ୍ଷଣ ସହାୟକ ସାମଗ୍ରୀ (4) ପାଠ୍ୟ

**139.** ଶିକ୍ଷାନୀତିରେ ଭାରତୀୟ ଭାଷା (ତ୍ରିଭାଷୀ ସୂତ୍ର) __________ ବିକାଶ କରିବାକୁ ଚେଷ୍ଟା କରିଥାଏ ।

(1) ବହୁ ଭାଷାରେ ଶିକ୍ଷା

(2) ଏକକ ଭାଷା ଶିକ୍ଷା

(3) ହିନ୍ଦୀ ଉପରେ ଗୁରୁତ୍ୱ ସହ ଦ୍ୱିଭାଷୀ ଶିକ୍ଷା

(4) ମାତୃଭାଷା ଆଧାରିତ ବହୁଭାଷିକତା ବାଦ

**140.** ଉର୍ଦ୍ଧ୍ୱ-ନିମ୍ନ ପଦ୍ଧତି ବିଷୟରେ କେଉଁଟି ସତ୍ୟ ନୁହେଁ ?

(1) ଶ୍ରୋତାମାନେ ପୃଷ୍ଠପଟ୍ଟ ଜ୍ଞାନ ଉପରେ ନିର୍ଭର କରନ୍ତି

(2) ଶ୍ରେତାମାନେ ଅଭିଳଷିତ ଅର୍ଥ ବିଷୟରେ ଅନୁମାନ ଲଗାନ୍ତି

(3) ଶ୍ରୋତାମାନେ ବିଶ୍ୱର ଜ୍ଞାନକୁ ବ୍ୟବହାରରେ ଲଗାନ୍ତି

(4) ଶ୍ରୋତାମାନେ ପ୍ରତିଟି ଶବ୍ଦକୁ ବୁଝିବା ଦରକାର

**141.** କେବେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୁଏ ?

(1) ଜାନୁଆରୀ ପହିଲା (2) ଫେବୃଆରୀ ଚଉଦ

(3) ଫେବୃଆରୀ ଏକୋଇଶି (4) ଏପ୍ରିଲ୍ ତେର

**142.** ନିଜ ସାଙ୍ଗ ନିଜ ପାଖକୁ ଯିଏ ତମର ସହକର୍ମୀ, ତାଙ୍କୁ କେଉଁପ୍ରକାର ମେଲ୍ ଲେଖିବ ବାଛ ।

(1) ଅନୌପଚାରିକ (2) ଔପଚାରିକ

(3) ବ୍ୟାବସାୟିକ (4) ପତ୍ରଭିତ୍ତିକ

**143.** ଶିକ୍ଷା-ଶିକ୍ଷଣ ପଦ୍ଧତି ଦ୍ୱାରା ପିଲାଙ୍କ ଜ୍ଞାନ ଓ ବୋଧଶକ୍ତିର ଆକଳନକୁ କୁହାଯାଏ -

(1) ଶିକ୍ଷଣ ପାଇଁ ଆକଳନ (2) ଶିକ୍ଷଣର ଆକଳନ

(3) ଶିକ୍ଷଣରେ ଆକଳନ (4) ଆକଳନ ଅନୁସାରେ ଶିକ୍ଷା

**144.** ଗୋଟିଏ ଦ୍ୱିତୀୟ ଶ୍ରେଣୀ ଭାଷାକ୍ଲାସରେ ଜଣେ ଶିକ୍ଷକ 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ବିଷୟକ ସିଡ଼ି ବଜାଇଲେ । ପରେ ସେ ହାଣ୍ଡଆଉଟ୍ ବଣ୍ଟନ କରି ସେଥିରେ ଦିଆଯାଇଥିବା ବିକଳ୍ପରୁ ସଠିକ ଉତ୍ତରରେ ଟିକ୍ କରିବାକୁ କହିଲେ । ଏହି କାର୍ଯ୍ୟର ଉଦ୍ଦେଶ୍ୟ ହେଉଛି -

(1) ସ୍ୱାସ୍ଥ୍ୟ ବିଷୟକ ଲେସନ୍ ଶୁଣିବା (2) କାର୍ଯ୍ୟ ସହିତ ଶିକ୍ଷାର୍ଥୀଙ୍କୁ ବାନ୍ଧି ରଖିବା

(3) ଉଦ୍ଦେଶ୍ୟ ଆଲୋଚନା କରି ଶୁଣାଇବା (4) ସ୍ୱାସ୍ଥ୍ୟ ଓ ସମ୍ପଦ ଉପରେ ଆଧାରିତ ଲେସନ୍ ଘୋଷିବା

**145.** ଭାଷା ଶିକ୍ଷାରେ ତ୍ରୁଟି ସମ୍ପର୍କରେ କେଉଁଟି ସତ୍ୟ ନୁହେଁ ?

(1) ଭାଷା ଶିକ୍ଷଣ ପଦ୍ଧତିକୁ ତ୍ରୁଟି ବାଧା ଦେଇଥାଏ

(2) ତ୍ରୁଟି ସଦାବେଳେ ଖରାପ ନୁହେଁ ଏବଂ ଏହା ଶିକ୍ଷଣରେ ସାହଯ୍ୟ କରେ

(3) ଭାଷା ଶିକ୍ଷଣ ପଦ୍ଧତିର ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ତ୍ରୁଟି

(4) ଦ୍ୱିତୀୟ ଭାଷା ଆହରଣ ପଦ୍ଧତିକୁ ବୁଝିବାରେ ତ୍ରୁଟି ସାହାଯ୍ୟ କରେ

**146.** ଭାଷା ଶିକ୍ଷାରେ ସର୍ଜନଶୀଳତା ହେଉଛି -

(1) ଓପନ୍ ଏଣ୍ଡେଡ୍ କାର୍ଯ୍ୟ ଯାହା ବିଭିନ୍ନ ପ୍ରକାର ବ୍ୟାଖ୍ୟାନ ଓ ଉତ୍ତରକୁ ସମର୍ଥନ କରିଥାଏ

(2) କିଛି ବୁଝିବା ପାଇଁ ବିଭିନ୍ନ ବିଷୟରୁ ମିଶ୍ରଣ ଉପାଦାନ

(3) କ୍ଲାସରୁମ୍ କାର୍ଯ୍ୟରେ ନୂଆ ଶିକ୍ଷା ପଦ୍ଧତି ବ୍ୟବହାର

(4) କ୍ଲାସରୁମ୍ ସାମଗ୍ରୀ ମାଧ୍ୟମରେ ବାର୍ତ୍ତାଳାପଧର୍ମୀ ଭାଷା ଶିକ୍ଷା ପଦ୍ଧତି ବ୍ୟବହାର

**147.** ଶିକ୍ଷାର୍ଥୀମାନେ ଭାଷା ଓ ଏହାର ତ୍ରୁଟି ସହିତ ପରିଚିତ ହେବା ଉଚିତ । ଶିକ୍ଷଣ ସମ୍ପର୍କୀୟ ଏହି ଦୃଷ୍ଟାନ୍ତର ସମର୍ଥକ ହେଉଛନ୍ତି -

(1) ବ୍ୟବହାରବାଦୀ (2) ବୋଧଜ୍ଞାନବାଦୀ

(3) ମାନବତାବାଦୀ (4) ମନୋବିଶ୍ଳେଷଣକାରୀ

**148.** ଏଥିରୁ କେଉଁ ମନ୍ତବ୍ୟ ଠିକ୍ ?

(a) ଡିସ୍‌ଲେକ୍‌ସିଆ ହେଉଛି ଏକ ପଠନ ଅପାରଗତା

(b) ଡିସ୍‌ଗ୍ରାଫିଆ ହେଉଛି ଏକ ଲିଖନ ଅପାରଗତା

(c) ଡିସ୍‌ଗ୍ରାଫିଆ ହେଉଛି ଏକ ପଠନ ଅପାରଗତା

(d) ଡିସ୍‌ଲେକ୍‌ସିଆ ହେଉଛି ଏକ ଲିଖନ ଅପାରଗତା

(1) କେବଳ (a) ଠିକ୍ (2) କେବଳ (b) ଏବଂ (d) ଠିକ୍

(3) ଉଭୟ (a) ଏବଂ (b) ଠିକ୍ (4) ଉଭୟ (c) ଏବଂ (d) ଠିକ୍

**149.** ସପ୍ତମ ଶ୍ରେଣୀ ଶିକ୍ଷାର୍ଥୀଙ୍କୁ ଇଂରାଜୀ ପଢ଼ାଇଲା ବେଳେ ସରକାରୀ ସ୍କୁଲ ଶିକ୍ଷୟିତ୍ରୀ ରୀତା ଦୃଶ୍ୟଭିତ୍ତିକ ଯନ୍ତ୍ର ଓ ଭାଷାଖେଳର ବ୍ୟବହାର କରିଥାନ୍ତି । ଏଠାରେ ରୀତା କେଉଁ ଶିକ୍ଷା ନିୟମ ଅବଲମ୍ବନ କରୁଛନ୍ତି ?

(1) ସ୍ୱାଭାବିକ ଧାରା ନିୟମ (2) ଅଭ୍ୟାସ ଓ ରୁଚି ଗଠନାତ୍ମକ ନିୟମ

(3) ପ୍ରେରଣା ଓ ଆମୋଦ ଆଧାରିତ ନିୟମ (4) ଜୀବନ ଶୈଳୀ ସମ୍ପର୍କୀୟ ନିୟମ

**150.** ଗୋଟିଏ ଗଳ୍ପ ଯେଉଁଥିରେ ପଶୁମାନେ ମୁଖ୍ୟ ଚରିତ୍ର ଏବଂ ଏହା ସ୍ପଷ୍ଟଭାବେ ନୀତିର ସମର୍ଥନ କରିଥାଏ, ତାହା ହେଉଛି -

(1) କଳ୍ପନା ଅଧାରିତ କଥା (2) ପରୀକଥା

(3) ବିଜ୍ଞାନ କଥା (4) ଭ୍ରମଣ କାହାଣୀ

- o O o -

SPACE FOR ROUGH WORK

## ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲ ଭାବରେ ପାଠ କରନ୍ତୁ :

1. ପ୍ରଶ୍ନଗୁଡ଼ିକର ଉତ୍ତର କିପରି ଭାବରେ ଦିଆଯିବ ପରୀକ୍ଷା ପୁସ୍ତିକାରେ ବୁଝାଇ ଦିଆଯାଇଛି । ଉତ୍ତର ଦେବା ପୂର୍ବରୁ ସେଗୁଡିକୁ ଭଲଭାବରେ ପଢ଼ିନେବା ଉଚିତ୍ ।

2. ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତରଖାତାର **ପୃଷ୍ଠା-2** ରେ **କଳା/ନୀଳ ବଲ୍ ପଏଣ୍ଟ ପେନ୍‌ରେ** ଚିହ୍ନଟ କରନ୍ତୁ । ଥରେ ଚିହ୍ନଟ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।

3. ଉତ୍ତରଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ଅଥବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ରୋଲ୍‌ନମ୍ବର ଲେଖାଯିବ ନାହିଁ ।

4. ପ୍ରଶ୍ନପତ୍ର ଓ ଉତ୍ତରଖାତାକୁ ପ୍ରଶ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳାଯାଇପାରିବ ନାହିଁ ।

5. ଉପସ୍ଥାନ ଖାତାରେ ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ ଉତ୍ତରଖାତାର କ୍ର.ନଂ. ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।

6. OMR ଉତ୍ତରପତ୍ରରେ ଦିଆଯାଇଥିବା ସାଙ୍କେତିକ ତଥ୍ୟ ମେସିନ୍ ଦ୍ୱାରା ପଢ଼ାଯିବ । ତେଣୁ କୌଣସି ପ୍ରକାରର ତଥ୍ୟ ପ୍ରଦାନକାରୀ ସ୍ଥାନକୁ ଖୋଲା ଛଡ଼ା ଯିବନାହିଁ । ଏହାଛଡ଼ା ଆଡ଼ମିଟ୍ କାଡ଼ରେ ଦିଆଯାଇଥିବା ତଥ୍ୟଠାରୁ ଏହା ପୃଥକ ହେବା ଉଚ୍ଚିତ୍ ନୁହେଁ ।

7. କେବଳ ପ୍ରବେଶ ପତ୍ର ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ ବା ଇଲେକ୍‌ଟ୍ରୋନିକ୍ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇ ପାରିବେ ନାହିଁ ।

8. ମୋବାଇଲ୍ ଫୋନ, ୱାୟରଲେସ୍ ଯୋଗାଯୋଗ ଯନ୍ତ୍ର ତଥା ଅନ୍ୟ ପଦାର୍ଥ ଆଦି ପରୀକ୍ଷା କକ୍ଷକୁ ନିଆଯାଇପାରିବ ନାହିଁ । ଏ ନିର୍ଦ୍ଦେଶର ଅବମାନନା କଲେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରାଗଲା ବୋଲି ଧରି ନିଆଯିବ ଏବଂ ଏଥିପାଇଁ ପରୀକ୍ଷାର୍ଥୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଂଗେ ସଂଗେ ପରୀକ୍ଷାକୁ ବାତିଲ୍ କରାଯିବ ।

9. ପରୀକ୍ଷକ ଚାହିଁବା ମାତ୍ରକେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ଦେଖାଇବେ ।

10. ପରୀକ୍ଷା ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ବିନା କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।

11. ପରୀକ୍ଷକଙ୍କୁ ଉତ୍ତରଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବେ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନଥିବା ପରୀକ୍ଷାର୍ଥୀ ଉତ୍ତରଖାତା ଦେଇ ନାହାନ୍ତି ଏବଂ ଅସାଧୁ କାର୍ଯ୍ୟରେ ଲିପ୍ତ ଅଛନ୍ତି ବୋଲି ଧରିନିଆଯିବ । **ପରୀକ୍ଷାର୍ଥୀ ନିଜର ବାମହାତର ବୃଦ୍ଧାଙ୍ଗୁଷ୍ଠିର ଚିହ୍ନ ଉପସ୍ଥିତି ପତ୍ରରେ ଦିଆଯାଇଥିବା ସ୍ଥାନରେ ଦେବା ଆବଶ୍ୟକ ।**

12. କୌଣସି ପ୍ରକାର କାଲ୍‌କୁଲେଟର ବ୍ୟବହାରକୁ ଅନୁମତି ମିଳିବ ନାହିଁ ।

13. ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ସିବିଏସ୍‌ଇର ନିୟମକାନୁନ୍ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ବୋର୍ଡ଼ର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

14. କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା ଉତ୍ତରପତ୍ରର କୌଣସି ଅଂଶକୁ ଚିରି ବାହାର ବା ପୃଥକ କରାଯାଇପାରିବ ନାହିଁ ।

15. **ପରୀକ୍ଷା ସରିଲା ପରେ, ଉତ୍ତରପତ୍ରକୁ ପରୀକ୍ଷା କକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇପାରିବେ ।**

## निम्नलिखित निर्देशों को ध्यान से पढ़ें :

1. जिस प्रकार से विभिन्न प्रश्नों के उत्तर दिए जाने हैं उसका वर्णन परीक्षा पुस्तिका में किया गया है, जिसे आप प्रश्नों का उत्तर देने से पहले ध्यान से पढ़ लें।
2. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर पत्र के **पृष्ठ-2** पर केवल एक वृत्त को ही पूरी तरह **नीले/काले बॉल पॉइन्ट पेन** से भरें। एक बार उत्तर अंकित करने के बाद उसे बदला नहीं जा सकता है।
3. परीक्षार्थी सुनिश्चित करें कि इस उत्तर पत्र को मोड़ा न जाए एवं उस पर कोई अन्य निशान न लगाएँ। परीक्षार्थी अपना अनुक्रमांक उत्तर-पत्र में निर्धारित स्थान के अतिरिक्त अन्यत्र न लिखें।
4. परीक्षा पुस्तिका एवं उत्तर पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं उत्तर पत्र के कोड या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी।
5. परीक्षा पुस्तिका/उत्तर पत्र में दिए गए परीक्षा पुस्तिका कोड व संख्या को परीक्षार्थी सही तरीके से उपस्थिति-पत्र में लिखें।
6. OMR उत्तर पत्र में कोडित जानकारी को एक मशीन पढ़ेगी। इसलिए कोई भी सूचना अधूरी न छोड़ें और यह प्रवेश-पत्र में दी गई सूचना से भिन्न नहीं होनी चाहिए।
7. परीक्षार्थी द्वारा परीक्षा हॉल/कक्ष में प्रवेश-पत्र के सिवाय किसी प्रकार की पाठ्य-सामग्री, मुद्रित या हस्तलिखित, कागज़ की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है।
8. मोबाइल फोन, बेतार संचार युक्तियाँ (स्विच ऑफ अवस्था में भी) और अन्य प्रतिबंधित वस्तुएँ परीक्षा हॉल/कक्ष में नहीं लाई जानी चाहिए। इस सूचना का पालन न होने पर इसे परीक्षा में अनुचित साधनों का प्रयोग माना जाएगा और परीक्षार्थी विरुद्ध कार्यवाही की जाएगी, परीक्षा रद्द करने सहित।
9. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-पत्र दिखाएँ।
10. केन्द्र अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें।
11. कार्यरत निरीक्षक को अपना उत्तर पत्र दिए बिना एवं उपस्थिति-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल/कक्ष नहीं छोड़ेंगे। यदि किसी परीक्षार्थी ने दूसरी बार उपस्थिति-पत्र पर हस्ताक्षर नहीं किए, तो यह माना जाएगा कि उसने उत्तर पत्र नहीं लौटाया है और यह अनुचित साधन का मामला माना जाएगा। **परीक्षार्थी अपने बाएँ हाथ के अंगूठे का निशान उपस्थिति-पत्र में दिए गए स्थान पर अवश्य लगाएँ।**
12. इलेक्ट्रॉनिक/हस्तचालित परिकलक का उपयोग वर्जित है।
13. परीक्षा हॉल/कक्ष में आचरण के लिए परीक्षार्थी परीक्षण संस्था के सभी नियमों एवं विनियमों द्वारा नियमित हैं। अनुचित साधनों के सभी मामलों का फैसला परीक्षण संस्था के नियमों एवं विनियमों के अनुसार होगा।
14. किसी भी परिस्थिति में परीक्षा पुस्तिका और उत्तर पत्र का कोई भाग अलग न करें।
15. **परीक्षा सम्पन्न होने पर, परीक्षार्थी हॉल/कक्ष छोड़ने से पूर्व उत्तर पत्र निरीक्षक को अवश्य सौंप दें।** ***परीक्षार्थी अपने साथ इस परीक्षा पुस्तिका को ले जा सकते हैं।***

## READ THE FOLLOWING INSTRUCTIONS CAREFULLY :

1. The manner in which the different questions are to be answered has been explained in the Test Booklet which you should read carefully before actually answering the questions.
2. Out of the four alternatives for each question, only one circle for the correct answer is to be darkened completely with **Blue / Black Ball Point Pen** on **Side-2** of the OMR Answer Sheet. The answer once marked is not liable to be changed.
3. The candidates should ensure that the Answer Sheet is not folded. Do not make any stray marks on the Answer Sheet. Do not write your Roll No. anywhere else except in the specified space in the Answer Sheet.
4. Handle the Test Booklet and Answer Sheet with care, as under no circumstances (except for discrepancy in Test Booklet Code or Number and Answer Sheet Code or Number), another set will be provided.
5. The candidates will write the correct Test Booklet Code and Number as given in the Test Booklet/Answer Sheet in the Attendance Sheet.
6. A machine will read the coded information in the OMR Answer Sheet. Hence, no information should be left incomplete and it should not be different from the information given in the Admit Card.
7. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the examination hall/room.
8. Mobile phones, wireless communication devices (even in switched off mode) and the other banned items should not be brought in the examination halls/rooms. Failing to comply with this instruction, it will be considered as using unfair means in the examination and action will be taken against the candidate including cancellation of examination.
9. Each candidate must show on demand his/her Admit Card to the Invigilator.
10. No candidate, without special permission of the Centre Superintendent or Invigilator, should leave his/her seat.
11. The candidates should not leave the Examination Hall/Room without handing over their Answer Sheet to the Invigilator on duty and sign the Attendance Sheet twice. Cases where candidate has not signed the Attendance Sheet second time will be deemed not to have handed over the Answer Sheet and dealt with as an unfair means case. **The candidates are also required to put their left hand THUMB impression in the space provided in the Attendance Sheet.**
12. Use of Electronic/Manual Calculator is prohibited.
13. The candidates are governed by all Rules and Regulations of the Examining Body with regard to their conduct in the Examination Hall/Room. All cases of unfair means will be dealt with as per Rules and Regulations of the Examining Body.
14. No part of the Test Booklet and Answer Sheet shall be detached under any circumstances.
15. **On completion of the test, the candidate must hand over the Answer Sheet to the Invigilator in the Hall / Room.** ***The candidates are allowed to take away this Test Booklet with them.***